ଧରିତ୍ରୀ
DHARITRI

# ଟାଇ ଭୁବନେଶ୍ୱର ଚାପ୍ଟର ଖୋଲିଲା

ଭୁବନେଶ୍ୱର,୨-1-(ବ୍ୟୁରୋ)-ଦ ଇଣ୍ଡୋ ୟୁଏସ୍ ଏଣ୍ଟରପ୍ରିନ୍ୟୁଅର (ଟାଇ) ତାର ଭୁବନେଶ୍ୱର ଚାପ୍ଟରର ଶୁଭାରମ୍ଭ କରିଛି । ଟାଇ ଭୁବନେଶ୍ୱର ରାଜ୍ୟକୁ ବିଶ୍ୱର ସୁପ୍ରତିଷ୍ଠିତ ଶିଳ୍ପୋଦ୍ୟୋଗୀ ଏବଂ ନିବେଶକମାନଙ୍କ ସହ ସଂଯୋଗ କରିବାର ଯୋଜନା କରିଛି । ଏହି ଅବସରରେ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟାଇର ପ୍ରତିଷ୍ଠାତା ଏବଂ ପୂର୍ବତନ ସଭାପତି ଡଃ କନୱାଲ ରେଖି ଅନୁଷ୍ଠାନର ଭୁବନେଶ୍ୱର ଚାପ୍ଟର ପ୍ରତିଷ୍ଠା ନିମନ୍ତେ ଓଡିଶାର ଶିଳ୍ପୋଦ୍ୟୋଗୀଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ଟାଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇଛି । ଏଥିରେ ସଭାପତି ଭାବେ ଜେ.ବି.ପାଣି, ଉପସଭାପତି ଭାବେ ଜାଗି ମଙ୍ଗତ ପଣ୍ଡା, ସମ୍ପାଦକ ଭାବେ ଦେବାଶିଷ ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ରାଜୀବ ସାହୁ ଏବଂ ଶିବାଶିଷ ମିଶ୍ର ଯୁଗ୍ମ ସଚିବ ପଦରେ ଅଧିଷ୍ଠିତ ହୋଇଛନ୍ତି । ଏହି ଅବସରରେ ଟାଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ପ୍ରଥମ ବର୍ଷର ବିଭିନ୍ନ କାର୍ଯ୍ୟକଳାପ ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଧନଦା ମିଶ୍ର, ଦୁଲାଲ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।

Publication:Dharitri
Headline:TiE open Bhubaneswar chapter
Date:10-01-11
Page:13